# ଉପଜିଲ୍ଲାପାଳ ପୁରୀଙ୍କ କାର୍ଯ୍ୟାଳୟ, ପୁରୀ

**ବିଜ୍ଞାପନ ସଂଖ୍ୟା** ୪୧୧୨ /ତାରିଖ- ୨୦.୧୨.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମନ୍ଦିରର ଶାନ୍ତିଶୃଙ୍ଖଳା ତଥା ପ୍ରକାରାନ୍ତରେ ମନ୍ଦିରର ଉନ୍ନତି କଳ୍ପେ **ପ୍ରଭୁ ଶ୍ରୀ ଶ୍ରୀ ଲୋକନାଥ ଦେବ, ପୁରୀଙ୍କ ମନ୍ଦିରର ଜାଗର ପଡିଆ, ଜୋତାଷ୍ଟାଣ୍ଡ (ମନ୍ଦିର ବାହାରେ),ବଗାୟତ ଓ ଦ୍ୱୀପ, ଧୂପ, ଫୁଲ ଦୋକାନ(ମନ୍ଦିର ବାହାରେ)** ପୃଥକ ପୃଥକ ଭାବେ ବର୍ଷକିଆ ନିଲାମ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଅଛି। ଏଥିପାଇଁ ସର୍ବନିମ୍ନ ନିଲାମ ରାଶି ନିମ୍ନ ମତେ ଧାର୍ଯ୍ୟକରାଯାଇଅଛି । ଟେଣ୍ଡରର ଅବଧି ଚୁକ୍ତି ଦିନ ଠାରୁ ଆରମ୍ଭ ହୋଇ ଏକ ବର୍ଷ ପର୍ଯ୍ୟନ୍ତ ବଳବତ୍ତର ରହିବ ।

ତେଣୁ ଇଚ୍ଛୁକ ବ୍ୟକ୍ତିବିଶେଷମାନଙ୍କ ମଧ୍ୟରୁ ଯେଉଁମାନେ ନିଲାମ ନେବାପାଇଁ ଆଗ୍ରହ ପ୍ରକାଶ କରୁଅଛନ୍ତି ସେମାନେ ନିମ୍ନରେ ପ୍ରଦାନ କରାଯାଇଥିବା ଜିନିଷ ନେବାକୁ ଥିବା ନିଲାମ ରାଶି ସହିତ ଅମାନତ ଟଙ୍କା Demand Draft ଆକାରରେ Payable in favour of Interim Managing Trustree–cum-Sub-Collector, Lokanath Dev, Temple, Puriଙ୍କ ନାମେ Demand Draft ସହିତ ନିର୍ଦ୍ଧାରିତ ଟେଣ୍ଡର କାଗଜରେ ଲିପିବଦ୍ଧକରି ଜଉମୁଦଦିଆ ଲଫାପାରେ ଉପଜିଲ୍ଲାପାଳ,ପୁରୀଙ୍କ ଠିକଣାରେ ରେଜେଷ୍ଟ୍ରି ଡାକଯୋଗେ ଅଥବା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଥିବା ନିର୍ଦ୍ଧାରିତ ବାକ୍ସରେ **ତା.୨୧.୧୨.୨୦୨୪ରିଖ ଠାରୁ ତା ୩୦.୧୨.୨୦୨୪ ରିଖ ଅପରାହ୍ନ ୩ ଘଟିକା** ମଧ୍ୟରେ ପକାଇ ପାରିବେ । ଟେଣ୍ଡର ପକାଇବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ଟ ୫୦୦/- (ପାଞ୍ଚଶହ) ଙ୍କା ଦାଖଲ କରି ନିର୍ଦ୍ଧାରିତ ଟେଣ୍ଡର କାଗଜ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନାଜିରଙ୍କ ପାଖରୁ ସରକାରୀ କାର୍ଯ୍ୟ ଦିବସରେ କ୍ରୟ କରିପାରିବେ । ଗୋଟିଏ ଟେଣ୍ଡର କାଗଜରେ କେବଳ ଗୋଟିଏ ମାତ୍ର ଟେଣ୍ଡର ହେବାକୁଥିବା ଜିନିଷ ପାଇଁ ଟେଣ୍ଡର ପକାଯାଇ ପାରିବ । ଜଣେ ଆବେଦନକାରୀ ଯଦି ଏକାଧିକ ଜିନିଷ ପାଇଁ ଟେଣ୍ଡର ପକାଇବାକୁ ଇଚ୍ଛୁକ, ତେବେ ସେ ପୃଥକ ପୃଥକ ଟେଣ୍ଡର କାଗଜ କ୍ରୟକରି ପୃଥକ ଭାବେ ଜଉମୁଦଦିଆ ଲଫାପାରେ ଟେଣ୍ଡର ପକାଇ ପାରିବେ । ଆବେଦନକାରୀମାନେ ସେମାନଙ୍କର ସମ୍ପୂର୍ଣ୍ଣ ଠିକଣା ସହିତ ମୋବାଇଲ ନମ୍ବର ଦେବାକୁ ଭୁଲିବେ ନାହିଁ। ଆବେଦନକାରୀମାନଙ୍କର ଉପସ୍ଥିତିରେ ଜଉମୁଦଦିଆ ବାକ୍ସରେ ଥିବା ଟେଣ୍ଡର କାଗଜଗୁଡିକ ତା **୩୦.୧୨.୨୦୨୪ ରିଖ ଅପରାହ୍ନ ୪** ଘଟିକା ସମୟରେ ଖୋଲାଯିବ । ଯେଉଁମାନଙ୍କର ନିଲାମ ରାଶି ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ନିଲାମ ରାଶି ଠାରୁ ଅଧିକା ଥିବ, ସେମାନଙ୍କର ନିଲାମ ଫର୍ଦ୍ଦ କେବଳ ଗ୍ରହଣୀୟ ହୋଇ ବିଚାରକୁ ନିଆଯିବ । ସର୍ବାଧିକ ନିଲାମ ରାଶି ଉଲ୍ଲେଖ କରିଥିବା ଆବେଦନକାରୀଙ୍କୁ ଟେଣ୍ଡର ଖୋଲାହେବା ଦିନ ତାଙ୍କଦ୍ୱାରା ***ଉଲ୍ଲିଖିତ ନିଲାମ ରାଶିକୁ*** ତିନି ଦିନ ଭିତରେ ଦାଖଲ କରିବାକୁ ପଡିବ । ଟେଣ୍ଡର ଗ୍ରହିତା ସମ୍ପୁର୍ଣ୍ଣ ନିଲାମ ରାଶି ଦାଖଲ କରି ଏକ ଚୁକ୍ତିପତ୍ର ସମ୍ପାଦନ କଲାପରେ ତାଙ୍କୁ ଟେଣ୍ଡର ଗ୍ରହିତା ଭାବେ ଗ୍ରହଣ କରାଯିବ ଏବଂ ଟେଣ୍ଡର ଗ୍ରହିତାଙ୍କୁ ଚୁକ୍ତିପତ୍ର ଅନୁଯାଇ ସମ୍ପୃକ୍ତ ଟେଣ୍ଡର

ରାଜକିଶୋର

Interim Managing Trustee
Cum-Sub-Collector
Shree Lokanathdev Temple
Puri

ଦଖଲ ଦିଆଯିବ । ଯେଉଁ ବ୍ୟକ୍ତି ସମ୍ପୁର୍ଣ ରାଶି ଦେଇ ନପାରିବେ ତାଙ୍କ ଅମାନତ ରାଶି ବାଜ୍ୟାପ୍ତ କରି ତାଙ୍କ ନିମ୍ନରେ ଥିବା ବ୍ୟକ୍ତିଙ୍କୁ ସୁଯୋଗ ଦିଆଯିବ ।

| କ୍ରମିକ ସଂଖ୍ୟା | ଟେଣ୍ଡର ହେବାକୁ ଥିବା ସ୍ଥାନ /ଜିନିଷର ପ୍ରକାର | ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ଅର୍ଥ ରାଶି | ଅମାନତ ରାଶି |
|---|---|---|---|
| ୧ | ଜାଗର ପଡିଆ (ଚାରି ଚକିଆ , ତିନି ଚକିଆ, ଦୁଇ ଚକିଆ ଯାନ ପାର୍କିଂ ଓ ଅସ୍ଥାୟୀ ଦୋକାନ ଶିବରାତ୍ରି , ସରନ୍ତି ସୋମବାର ଏବଂ ଶ୍ରାବଣ ମାସର ବୋଲବମ ଇତ୍ୟାଦି ) | ଟ ୧୭ ,୭୭ ,୦୦୦/- (ସତର ଲକ୍ଷ ସତସ୍ତୋରି ହଜାର ଟଙ୍କା) ମାତ୍ର | ଟ୧,୭୭,୭୦୦/- (ଏକ ଲକ୍ଷ ସତସ୍ତୋରି ହଜାର ସାତଶହ ଟଙ୍କା) ମାତ୍ର |
| ୨ | ଦୀପ,ଧୂପ ଓ ଫୁଲ ଦୋକାନ (ମନ୍ଦିର ବାହାରେ ) | ଟ୧୪,୦୦,୪୪୪/- (ଚଉଦ ଲକ୍ଷ ଚାରିସହ ଚଉରାଳିଶି ଟଙ୍କା ) ମାତ୍ର | ଟ.୧,୪୦,୦୪୪/-(ଏକ ଲକ୍ଷଚାଳିଶିହଜାରଚଉରାଳିଶି ଟଙ୍କା ) ମାତ୍ର |
| ୩ | ଜୋତା ଷ୍ଟାଣ୍ଡ | ଟ୫,୦୦,୫୫୭/-(ପାଞ୍ଚ ଲକ୍ଷ ପାଞ୍ଚଶହସତାବନ ଟଙ୍କା)ମାତ୍ର | ଟ ୫୦ ,୦୫୫/- (ପଚାଶ ହଜାର ପଞ୍ଚାବନ ଟଙ୍କା)ମାତ୍ର |
| ୪ | ବଗାୟତ | ଟ ୧୦,୦୦୦/-( ଦଶ ହଜାର ଟଙ୍କା )ମାତ୍ର | ଟ ୧,୦୦୦/-(ଏକ ହଜାର ଟଙ୍କା )ମାତ୍ର |

ବି.ଦ୍ର.: ୧. ଦୀପ ଧୂପ ଓ ଫୁଲ ଦୋକାନସବୁ ମନ୍ଦିର ସମ୍ମୁଖ ଜାଗରପଡିଆ ପରିସରରେ ବସିବେ ଏବଂ ଏଥିପାଇଁ ଅଲଗା ଟେଣ୍ଡର ଆହ୍ୱାନ କରଯାଉଥିବାରୁ ଜାଗର ପଡିଆ ନିଲାମ ନେଉଥିବା ବ୍ୟକ୍ତି ଦୀପ ଧୂପ ଓ ଫୁଲ ଦୋକାନିଙ୍କ ଠାରୁ କୌଣସି ଅର୍ଥ ଆଦାୟ କରିପାରିବେ ନାହିଁ ।

୨. ସମସ୍ତ ଟେଣ୍ଡର ଗ୍ରହିତା ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ମନ୍ଦିରର ଉନ୍ନତି ମୂଳକ କାର୍ଯ୍ୟରେ ସଂପୂର୍ଣ୍ଣ ସହଯୋଗ କରିବେ । ଆବଶ୍ୟକତା ଅନୁସାରେ ମନ୍ଦିର ଉନ୍ନତି କାର୍ଯ୍ୟ ପାଇଁ ସାମୟିକ ଭାବେ ଦୋକାନ ଗୃହ ବନ୍ଦ ରଖିବା ପାଇଁ ଟେଣ୍ଡର ଗ୍ରହିତା ଚୁକ୍ତିନାମା ରେ ସମ୍ପାଦନ କରିବାହେବେ ।

୩. ନିମ୍ନସ୍ୱାକ୍ଷରକାରୀ ଇଚ୍ଛାପ୍ରକାଶ କଲେ, ବିନା କାରଣରେ ସମସ୍ତ ଟେଣ୍ଡର କାଗଜକୁ ରଦ୍ଦ କରିପାରିବେ ଏବଂ ପୁନଃ ନିଲାମ ପାଇଁ ଆଦେଶ ଦେଇ ପାରିବେ ।

(signature)

ଉପଜିଲ୍ଲାପାଳ, ପୁରୀ ତଥା ମଧ୍ୟବର୍ତ୍ତୀକାଳୀନ ପରିଚାଳନାନ୍ୟାସୀ,
ଶ୍ରୀ ଶ୍ରୀ ଲୋକନାଥଦେବ ମନ୍ଦିର କାର୍ଯ୍ୟାଳୟ ,ପୁରୀ

Interim Managing Trustee
Cum-Sub-Collector
Shree Lokanathdev Temple
Puri